# Akashvani, Sambalpur

## SAMBALPURI NEWS BULLETIN

### 27 October 2025 – 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ମୁମ୍ବାଇ ଗସ୍ତ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମହାରାଷ୍ଟ୍ରର୍ ମୁମ୍ବାଇ ନ ଆଏଜ୍‌ଠାନୁ ଭାରତୀୟ ସାମୁଦ୍ରିକ ସପ୍ତାହ-୨୦୨୫ ସମ୍ମିଳନୀ ମୁଲ୍ ହେବା । ସମ୍ମିଳନୀକେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉଦ୍‌ଘାଟନ୍ କର୍‌ବେ । ଉଦ୍‌ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ । ଦେଶର୍ ବନ୍ଦର୍ ଭିତିକ୍ ବାଣିଜ୍ୟିକ ଅଭିବୃଦ୍ଧି ଆଉ ନୀଳ ଅର୍ଥନୀତିକେ ଆଗ୍‌କେ ନେବାର୍ ଲାଗି ଇ ଅନ୍ତର୍ଜାତୀୟ ସମ୍ମିଳନୀଥି ୧୦ ଲାଖ୍ କୋଟି ଟଙ୍କା ନିବେଶ୍ ଲାଗି ୬ ଶହ ବୁଝାମଣାପତ୍ର ସ୍ୱାକ୍ଷର୍ ହେବା । ଉପର୍‌ବେଲା ଓଡ଼ିଶାର୍ ବନ୍ଦର୍ ଭିତିକ ପୁଞ୍ଜିନିବେଶ୍ ସୁଯୋଗ୍ ଆଉ ବନ୍ଦର୍ ମାନ୍‌କର୍ ଜରିଏ ରପ୍ତାନୀ ସାମର୍ଥ୍ୟ ବିଷୟବସ୍ତୁ କେ ନେଇକରି ହେବାର୍‌କେ ଥିବା ଖାସ୍ ଅଧିବେଶନ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବେ । ଇ ସମ୍ମିଳନୀ ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ସମ୍ମିଳନୀଥି ଆଏବା ୨୯ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ୍

ଦେବେ । ଇଥି ୧୧ ଟା ଦେଶର୍ ବିଦେଶ୍ ମନ୍ତ୍ରୀଙ୍କର୍ ସହେତେ ୮୫ ଟା ଦେଶର୍ ୧ ଲାଖ୍ ନୁ ଅଏତ୍କା ପ୍ରତିନିଧି ସାମିଲ୍ ହେବେ ।

ବାତ୍ୟା- ତୟାରି I&PR

ବାତ୍ୟା ମୋନ୍ଥାକେ ନେଇକରି ଭୁବ୍ନେଶ୍ୱର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ଙ୍କର୍ କାର୍ଯ୍ୟାଲୟ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ତୟାରି ବୈଠକ୍ ହେଇଯାଇଛେ । ବାତ୍ୟାର୍ କେନ୍‌ସି ଭିଲ୍ ପ୍ରଭାବ୍‌ର ମୁକାବିଲା ଲାଗି ରାଜ୍ୟ ସର୍କାର୍ ପୁରାପୁରି ତୟାର୍ ଅଛନ୍ ବଲି ବୈଠକ୍ ଉତ୍ରୁ ଶ୍ରୀ ପୂଜାରୀ ସାମ୍ବାଦିକ୍ ମାନ୍‌କୁ କହିଛନ୍ । ଶ୍ରୀ ପୂଜାରୀ କହିଛନ୍, ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ବନିଥିବା ଗଭୀର ଅବପାତ ଆଏଜ୍ ବେଲ୍‌ବୁଡ଼େ ବାତ୍ୟାର୍ ରୂପ୍ ନେବା । ଗଭୀର ଅବପାତ ଇହାଦେ ଘଂଟାକ ୬ କିଲୋମିଟର୍ ଜୋର୍‌ଥି ଉତର୍ ଆଉ ଉତର୍ ପର୍ଶ୍ଚିମ୍ ଦିଗ୍‌କେ ଯାଉଛେ । ଅବପାତ କଲାହାଣ୍ଡି ସହେତେ ଦକ୍ଷିଣ ଓଡ଼ିଶାର୍ ୮ ଟା ଜିଲ୍ଲାକେ ଜହ ପ୍ରଭାବିତ୍ କର୍‌ବା । ଇତାର୍‌ଉତ୍ରୁ ୨୨ ଟା ଜିଲ୍ଲା ଭିଲ୍ ସାମାଏନ୍ ପ୍ରଭାବିତ୍ ହେବା । ଆଏବା କାଏଲ୍ ସଞ୍ଜ୍‌ବେଲୁ ଅଧ୍‌ରାତି ଭିତ୍‌ରେ ଆନ୍ଧ୍ରପ୍ରଦେଶ୍‌ର କାକିନାଡ଼ା ଠାନେ ବାତ୍ୟା ସମୁଦ୍ରଖଁଡ଼ିକେ

ପୁହୁଁଚିବା । ବାତ୍ୟାକେ ନେଇକରି ରାଜ୍ୟ ସର୍କାର୍ଙ୍କର୍ ସବୁ ବିଭାଗ୍ ତୟାର୍ ଅଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଦୁର୍ନୀତି ନିବାରଣ୍ ସଚେତନତା ହପ୍ତା     ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଆଏଜ୍ଠାନୁ ଦୁର୍ନୀତି ନିବାରଣ୍ ସଚେତନତା ହପ୍ତା ମୁଲ୍ ହେଇଛେ । ‘ଦୁର୍ନୀତି ନିବାରଣ୍ଃ ଆମର୍ ସାମୂହିକ୍ ଦାୟିତ୍ୱ’ ବାର୍ତା ନେଇକରି ସଚେତନତା ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍ତକ୍ ଚାଲ୍ବା । ଇ ଅବ୍ସରେ ଭିନ୍ ଭିନ୍ ବିଭାଗ୍ ତର୍ଫୁ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଆଏବା କାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ହେବାର୍କେ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁର୍ନୀତି ବିରୋଧ୍ଥି ଶପଥ୍ ପାଠ୍ କରାବେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ସି ହିସାବେ ଦୁର୍ନୀତି ସାଙ୍ଗେ ସାଲିସ୍ ନାଇଁ କରିକରି ଲୁକେ ନିଜର୍ ଜୀବନ୍ଥି ସାଧୁତା ଆଉ ସ୍ୱଚ୍ଛତା ନୀତି ପାଲନ୍ କର୍ବାର୍କେ ରାଜ୍ୟବାସୀଙ୍କୁ ଅନୁରୋଧ୍ କରିଛନ୍ । ଇତାର୍ସହେତେ ଅଭିଯାନ୍ଥି ସାମିଲ୍ ହେବାର୍କେ ଆହ୍ୱାନ୍ ଦେଇଛନ୍ ।

ସାଇବର୍ ସଚେତନତା ରଥ     ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସାଇବର୍ ସୁରକ୍ଷାକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍‌ଫୁ ୧୬ ଟା ସାଇବର୍ ରଥ ୩୩ ଟା ପୁଲିସ୍ ଜିଲ୍ଲାର୍ ସହର୍ ଆର୍ ଗାଁ ଇଲାକାମାନ୍‌କେ ବୁଲୁଛେ । ଇ ରଥଥି ଲାଗିଥିବା ଏଲ୍‌ଇଡ଼ି ପେନେଲ୍ ଜରିଆଥି ଭିଡ଼ିଓ ବାର୍ତା ଜରିଏ ସଚେତନ୍ କରାଯାଉଛେ । ଇତାର୍‌ସହେତେ ଶୋଭାଯାତ୍ରା, ସେମିନାର୍, କର୍ମଶାଳା ଆଉ ସାଧାରଣ ସଭା ଜରିଏ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ସୂଚ୍‌ନା ଅନ୍‌ସାରେ ଗଲା ୧୮ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଅଭିଯାନ୍‌ର ଶୁଭାରମ୍ଭ କରିକରି ସାଇବର୍ ରଥମାନ୍‌କର୍ ଯାତ୍ରା ମୁଲ୍ କରେଇଥିଲେ ।

ସିଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା- ସିଟିଇଟି ଆଏବା ଫେବୃଆରୀ ୮ ତାରିଖ୍ ଦିନ ହେବା । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍‌ର ବିଜ୍ଞପ୍ତି ଅନ୍‌ସାରେ ଦେଶର୍ ଶହେ ୩୨ ଟା ସହରେ ୨୦ ଟା ଭାଷାଥି ଇ ପରୀକ୍ଷା ହେବା । ପରୀକ୍ଷାର୍ଥୀମାନେ ନିଜର୍ ପସନ୍ଦ୍‌ର ଭାଷା

ବାଛିପାର୍‌ବେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ସିଟିଇଟିର୍ ୱେବ୍‌ସାଇଟ୍ www.ctet.nic.in ଥି ପ୍ରାର୍ଥୀମାନେ ପାଇପାର୍‌ବେ ।

ସାମ୍ବାଦିକ-ଅଧିସ୍ୱିକୃତୀ ପତ୍ର I&PR

ରାଏଜେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଆଉ ସାମ୍ବାଦିକ୍ ମାନ୍‌କର୍ ୨୦୨୫ ବଛର୍ ଲାଗି ଥିବା ଅଧିସ୍ୱିକୃତୀ ପତ୍ର ଡିସେମ୍ବର୍ ୩୧ ତାରିଖ୍ ଶେଷ୍ ହେଇଯିବା । ଅଧିସ୍ୱିକୃତୀ ପତ୍ର ନବୀକରଣ୍ ଲାଗି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସାମ୍ବାଦିକ୍ ମାନ୍‌କର୍‌ନୁ ଦ୍‌ରଖାସ୍ତ ଆହ୍ୱାନ୍ କରାଯାଇଛେ । ସାମ୍ବାଦିକ୍‌ମାନେ କାମ୍ କରୁଥିବା ଗଣମାଧ୍ୟମ୍ ସଂସ୍ଥାର୍ ସମ୍ପାଦକ୍ କି ମୁଖ୍ୟ ପରିଚାଲକକଙ୍କର୍‌ନୁ ସୁପାରିଶ୍ ପତ୍ର, ଆଘୋନୁ ପାଇଥିବା ଅଧୀସ୍ୱିକୃତୀ ପତ୍ରର୍ ନକଲ୍ ସହେତେ ଆଏବା ୭ ତାରିଖ୍ ଭିତ୍‌ରେ ବିଭାଗ୍ ଠାନେ ଦର୍‌ଖାସ୍ତ ଦାଖଲ୍ କର୍‌ବେ । ଫି ଲାହ୍ନର୍ ସାମ୍ବାଦିକ୍‌ମାନେ ଦର୍‌ଖାସ୍ତ ପତ୍ର ସାଙ୍ଗେ ଭିନ୍ ଭିନ୍ ସମ୍ବାଦପତ୍ରଥି ବାହାରିଥିବା ସେମାନ୍‌କର୍ ଲେଖାର୍ ନକଲ୍ ଆର୍ ସାମ୍ବାଦିକ୍ କାର୍ଯ୍ୟକଲାପ୍‌ନୁ ହେଇଥିବା କମାନିର୍ ପ୍ରମାଣ୍‌ପତ୍ର ଭିଲ୍ ଦାଖଲ୍ କର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଓଡ଼ିଶା ଧାନ୍ ମିଲ୍ ସଂଘ ବୈଠକ୍ ବର୍‌ଗଡ଼୍ ସମ୍ବାଦଦାତା

ରାଏଜେ ମିଲର୍ସ ମାନ୍‌କର୍ ପାଖେ ମହଜୁଦ୍ ଥିବା ଧାନ୍ ଆଉ ଚାଉଲ୍ ଖାଲି କର୍‌ବାର୍ ଦିଗେ ସର୍‌କାର୍ ପଦକ୍ଷେପ୍ ନାଇଁ ନେଲେ ଆଏବା ଖରିଫ୍ ଧାନ୍ ଘିନା ବେଲ୍‌କେ ବହୁତ୍ ବଡ଼ ସମସ୍ୟା ଦେଖାଦେବା ବଲି ଓଡ଼ିଶା ଧାନ୍ ମିଲ୍ ସଂଘ ତର୍‌ଫୁ କୁହାଯାଇଛେ । ବର୍‌ଗଡ଼୍ ଠାନେ ଗଲାକାଏଲ୍ ହେଇଥିବା ସଂଘର୍ ବୈଠକ୍‌ଥି ଇ ଦାବି କରାଯାଇଛେ । ବୈଠକ୍‌ଥି ୩୦ ଟା ଜିଲ୍ଲାର୍ ୯ ଶହ ୯ ଚାଉଲ୍ ମିଲ୍‌ର ମାଲିକମାନେ ଯୋଗ୍ ଦେଇଥିଲେ ।

ଏସୀୟ ଯୁବ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ବାହାରିନ୍ ଠାନେ ଚାଲିଥିବା ଏସୀୟ ଯୁବ କ୍ରୀଡ଼ାର୍ ମହିଲା ଭାରୋତଲନ୍‌ଥି ଓଡ଼ିଶାର୍ ପ୍ରିତିସ୍ମିତା ଭୋଇ ନୂଆ ବିଶ୍ୱ ରେକର୍ଡ଼ ସହେତେ ସ୍ୱର୍ଣ୍ଣପଦକ୍ ହାସଲ୍ କରିଛନ୍ । ୪୪ କେଜି ବର୍ଗ ଥି ପ୍ରତିଦ୍ୱନ୍ଦିତା କରିଥିବା ପ୍ରିତିସ୍ମିତା ସ୍ନାଚ୍ ଥି ୪୬ କେଜି ଆଉ କ୍ଲିନ୍ ଏଣ୍ଡ ଜର୍କଥି ୯୨ କେଜି ସହେତେ ମୋଟ୍ ଶହେ ୫୮ କେଜି ଭାର୍ ଉଠେଇକରି ପହେଲାଠାନ୍ ପାଇଛନ୍ । ଇତାର୍‌ସହେତେ ଯୁବ ବର୍ଗଥି ନିଜର୍ ନାଁଥି ଥିବା କ୍ଲିନ୍ ଏଣ୍ଡ ଜର୍କ ବିଶ୍ୱ ରେକର୍ଡ଼କେ ସେ ଭାଙ୍ଗିଛନ୍ ।

ବାତ୍ୟା          ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଗଭୀର ଅବପାତର୍ ବଲେ ଆଏଜ୍‌ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ମୁଲ୍ ହେଇଛେ । ଖାସ୍ କରି ଦକ୍ଷିଣ ଆଉ ସମୁଦ୍ରଖଁଡ଼ି ଇଲାକାର୍ ୧୯ ଟା ଜିଲ୍ଲା ନ ଆଏବା ୩୦ ତାରିଖ୍‌ତକ୍ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ।